୩. ଛତୁଚାଷରେ ସମସ୍ତ ଦିଗ ପ୍ରତି ଯତ୍ନ ସହିତ ନଡ଼ାକୁ ବିଶୋଧନ କରିବା ଜରୁରୀ ।

୪. ଛତୁ ଅମଳ ପରେ ନଡ଼ା ପିଣ୍ଡୁଳାଟିକୁ ଫୋପାଡ଼ି ନଦେଇ ଗୋଖାଦ୍ୟ, କମ୍ପୋଷ୍ଟ (ଜିଆଖତ), ଛାଦିକରଣ କିମ୍ବା ଜାଳେଣୀ ରୂପେ ବ୍ୟବହାର କରାଯାଇ ପାରିବ ।

୫. ପ୍ରତି ଥର ଅମଳ ସମୟରେ ବିଶେଷକରି ସକାଳେ ସନ୍ଧ୍ୟାରେ ପିଣ୍ଡୁଳାରେ ପାଣି ସିଞ୍ଚନ କରନ୍ତୁ ।

୬. ପ୍ରତ୍ୟେକଥର ଛତୁ ଘରକୁ ବିଶୋଧନ କରାଇ ନେବା ଉଚିତ୍ । ଏଥିପାଇଁ ୧୦୦ ମିଲି ଫରମାଲିନ୍‌କୁ ୨ ଲିଟର ପାଣିରେ ମିଶାଇ ଛତୁ ଘର, ଚଟାଣ ଓ କାନ୍ଥରେ ସିଞ୍ଚନ କରନ୍ତୁ ।

୭. କୁଣ୍ଡଗୁଡ଼ିକୁ ମଧ୍ୟ ଅନୁରୂପ ଭାବେ ବ୍ଲିଚିଂ ପାଉଡର କିମ୍ବା ରାସାୟନିକ କବକନାଶୀ ଦ୍ୱାରା ବିଶୋଧନ କରନ୍ତୁ ।

ବଳକା ଛତୁକୁ ୦.୦୫% ପୋଟାସିୟମ ମେଟାବାଇସଲଫାଇଟ୍ ପାଉଡରରେ ଉପଚାର କରି ଖରାରେ ଶୁଖାଇ କିଛିଦିନ ପର୍ଯ୍ୟନ୍ତ ସାଇତି ରଖାଯାଇ ପାରିବ । ନଚେତ୍ ଆଚାର, ସସ୍, ପାମ୍ପଡ଼, ଲଡ୍ଡୁ, ନୋଡୁଲ୍ସ ଆଦି ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତ କରାଯାଇ ଅଧିକ ଅର୍ଥ ଉପାର୍ଜନ କରାଯାଇ ପାରିବ ।

## ଛତୁ ଚାଷରେ ଆୟବ୍ୟୟର ହିସାବ (୧୦୦ ବ୍ୟାଗ୍ ପାଇଁ)

| ଖର୍ଚ୍ଚ | ପରିମାଣ | ଖର୍ଚ୍ଚହାର(ଟଙ୍କା) | ସମୁଦାୟ (ଟଙ୍କା) |
|---|---|---|---|
| ନଡ଼ା | ୨୦୦କିଗ୍ରା | ୧.୦୦ | ୨୦୦ |
| ଛତୁମଞ୍ଜି | ୧୦୦ଟି ବୋତଲ | ୧୫ | ୧୫୦୦ |
| ଗହମ | ୨୫ କିଗ୍ରା | ୨୦ | ୫୦୦ |
| ଅନ୍ୟାନ୍ୟ | | | ୨୦୦ |
| ସମୁଦାୟ | | | ୨୪୦୦ |

### ଉତ୍ପାଦନ

ବ୍ୟାଗ୍ ପିଛା ୨କିଗ୍ରା X ୧୦୦ଟି ବ୍ୟାଗ୍ = ୨୦୦ କିଗ୍ରା (ଅମଳ)

କିଗ୍ରା ପିଛା ଟ.୬୦.୦୦ X ୨୦୦ କିଗ୍ରା = ୧୨,୦୦୦ଟଙ୍କା

ନିଟ୍ ଲାଭ: ଟ.୧୨,୦୦୦ - ୨୪୦୦ = ୯୬୦୦ (୨ମାସରେ)

ମାସକୁ: ଟ.୯୬୦୦/୨ = ଟ.୪୮୦୦







# ଧିଙ୍ଗିରିଛତୁ ଚାଷ




ବିଷୟବସ୍ତୁ

ଶ୍ରୀମତୀ ନମିତା ମହାପାତ୍ର

ସଂପାଦନା

ଡ. ସୂର୍ଯ୍ୟ ନାରାୟଣ ମିଶ୍ର

କୃଷିବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ଛତୁର ଆବଶ୍ୟକତା:

- ଛତୁ ସ୍ୱାଦଯୁକ୍ତ, ଔଷଧୀୟ ଗୁଣ ସମ୍ପର୍ଣ୍ଣ ତଥା ପୁଷ୍ଟିକାରକ ଅଟେ ।
- ଛତୁରେ ପ୍ରଚୁର ପରିମାଣରେ ଧାତବଲବଣ, ଖାଦ୍ୟପ୍ରାଣ, ପୁଷ୍ଟିସାର ଓ ତନ୍ତୁଜ ଖାଦ୍ୟ ରହିଛି ।
- ରକ୍ତଚାପ, ବହୁମୂତ୍ର, ହୃଦରୋଗ, କୋଷ୍ଠକାଠିନ୍ୟ ରୋଗୀ ତଥା ବୟସ୍କ, ଶିଶୁ, ଗର୍ଭବତୀ ଓ ମୋଟା ଲୋକମାନଙ୍କ ପାଇଁ ଏହା ଉତ୍କୃଷ୍ଟ ଖାଦ୍ୟ ଅଟେ ।
- ସ୍ୱଳ୍ପ ଜମିଥିବା ବା ଭୂମିହୀନ ଚାଷୀଭାଇଭଉଣୀମାନଙ୍କ ପାଇଁ ଏକ ଉତ୍ତମ ରୋଜଗାର ପନ୍ଥା । ଏପରିକି ଅବସର ସମୟକୁ ବିନିଯୋଗ କରି ଛତୁଚାଷ କରାଯାଇ ପାରିବ ।
- ଛତୁମଞ୍ଜି ଉତ୍ପାଦନ, ଛତୁ ସଂରକ୍ଷଣ ତଥା ପ୍ରକ୍ରିୟାକରଣ କରାଯାଇ ରୋଜଗାର ସୃଷ୍ଟି ହେବା ସହିତ ଆତ୍ମନିଯୁକ୍ତି ମଧ୍ୟ ହୋଇ ପାରିବ ।
- ପରିବେଶ ସୁରକ୍ଷା ସହିତ କୃଷି କ୍ଷେତ୍ରରେ ପୁନଃ ବିନିଯୋଗ କରାଯାଇ ବିନିଯୋଗ ଖର୍ଚ୍ଚ କମା ଯାଇ ପାରିବ ।

ଧିଙ୍ଗିରି ଛତୁ ଚାଷ ଏକ ଲାଭଜନକ ପନ୍ଥା । ଖୁବ୍ କମ୍ ସମୟରେ ଓ କମ୍ ଖର୍ଚ୍ଚରେ ଏହା କରାଯାଇ ପାରୁଥିବାରୁ ଗାଁ ଗହଳିରେ ମହିଳାମାନଙ୍କ ଠାରୁ ଆରମ୍ଭକରି ଯୁବଗୋଷ୍ଠୀ ତଥା ବିଭିନ୍ନବର୍ଗର ଚାଷୀଭାଇଭଉଣୀମାନଙ୍କ ନିକଟରେ ବେଶ୍ ଆଦୃତ । ଏଣୁ ଏହି ଚାଷକୁ କରିବାକୁ ହେଲେ ନିମ୍ନଲିଖିତ ଦିଗପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ ।

## ଛତୁଚାଷ ପାଇଁ ଆବଶ୍ୟକୀୟ ଉପାଦାନ:

| | ଉପାଦାନ | ପରିମାଣ |
|---|---|---|
| ୧. | ଉତ୍ତାପ | ୨୦-୩୦° ସେ |
| ୨. | ଆଲୋକ | ୨୦୦ ଲକ୍ସ |
| ୩. | ବାୟୁର ଆର୍ଦ୍ରତା | ୮୦-୮୫% |
| ୪. | ନଡ଼ାର ଜଳୀୟ ଅଂଶ | ୬୫% |
| ୫. | ନଡ଼ାର ଅମ୍ଳତା | ୫.୫-୬.୫ |
| ୬. | ଅମ୍ଳଜାନ | ଫୁଟିବା ସମୟରେ |



## ଛତୁ ଚାଷ ପାଇଁ ଆବଶ୍ୟକୀୟ ସାମଗ୍ରୀ:

| | ସାମଗ୍ରୀ | ପରିମାଣ (ଗୋଟିଏ ବ୍ୟାଗ୍ ପାଇଁ) |
|---|---|---|
| ୧. | ନଡ଼ା | ୨-୩ ବିଡ଼ା/ ୨ କି.ଗ୍ରା. |
| ୨. | ଛତୁ ମଞ୍ଜି | ଏକ ବୋତଲ/ ୨୦୦ ଗ୍ରାମ୍ |
| ୩. | ଗହମ | ୨୦୦ ଗ୍ରାମ |
| ୪. | ବ୍ୟାଗ୍ର ଆକାର | ୮୦ ସେମି X ୪୦ ସେମି |
| ୫. | ଯନ୍ତ୍ରପାତି | ସ୍ପ୍ରେୟାର ଓ ନଡ଼ାକଟା ଯନ୍ତ୍ର |



## ଧିଙ୍ଗିରି ଛତୁ ଚାଷ ପ୍ରଣାଳୀ:

- ବେଙ୍ଗଲା ପଡ଼ି ନଥିବା ଟାଣ କିସମ ନଡ଼ା ବାଛନ୍ତୁ
- ପତ୍ରଅଂଶ କିଛି ପରିମାଣରେ ବାଦ ଦେଇ ୨/୩ ଇଞ୍ଚ ଆକାରରେ ନଡ଼ାକୁ କାଟନ୍ତୁ ।
- ଏହାକୁ ପରିଷ୍କାର ଚୂନ ପାଣିରେ ୫/୬ ଘଣ୍ଟା ବତୁରାନ୍ତୁ ।
- ପ୍ରତି ବ୍ୟାଗ୍ ପାଇଁ (୮୦ ସେମି X ୪୦ ସେମି) ୨ କିଗ୍ରା ଶୁଖିଲା ନଡ଼ା ଆବଶ୍ୟକ ।
- ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ି ଦିଅନ୍ତୁ ।
- ଛତୁ ମଞ୍ଜି ବାହାରକରି ଏହାକୁ ୩ ଭାଗ କରନ୍ତୁ ।
- ୨୦୦ ଗ୍ରାମ୍ ଗହମକୁ ସିଝାଇ ଏହାକୁ ଛାଇରେ ଶୁଖାଇ ୩ ଭାଗ କରନ୍ତୁ ।
- ପଲିଥିନ୍ ବ୍ୟାଗରେ ସ୍ତରସ୍ତର କରି ନଡ଼ା ଦେଇ ଏଥିରେ ମଞ୍ଜି ଓ ସିଝା ଗହମ ଦିଅନ୍ତୁ । ଏହାପରେ ୩ୟ ସ୍ତର କରିବା ପରେ ପଲିଥିନ୍ ବ୍ୟାଗ୍ର ଦୁଇପଟେ ବାନ୍ଧି ଦିଅନ୍ତୁ ଏବଂ ୧୫/୨୦ଟି କଣା କରି ଏହାକୁ ୧୫ ଦିନ ଅନ୍ଧାର ଘରେ ରଖି ପଲିଥିନ୍ ବ୍ୟାଗ୍ରେ ଥିବା ପିମ୍ପି ପିଣ୍ଡୁଳାକୁ ବାହାରକୁ କାଢ଼ି ଟାଙ୍ଗି ଦିଅନ୍ତୁ ।
- ଅନ୍ଧାର ଘରେ ରଖିବା ସମୟରେ ମୂଷା, ବୁଢ଼ିଆଣୀ କିମ୍ବା ଅନିଷ୍ଟକାରୀ ଜୀବଙ୍କ ଦାଉରୁ ଛତୁ ବ୍ୟାଗ୍କୁ ରକ୍ଷା କରନ୍ତୁ ।
- ଫିମ୍ପି ପିଣ୍ଡୁଳାର ଆର୍ଦ୍ରତା ଅନୁସାରେ ପ୍ରତିଦିନ ଦୁଇ/ତିନି ଥର ପାଣି ସିଞ୍ଚନ କରନ୍ତୁ ।
- ଟାଙ୍ଗିବାର ୪/୫ ଦିନ ମଧ୍ୟରେ କଢ଼ ଦେଖାଦେବ ଏବଂ କଢ଼ ଦେଖାଦେବାର ୨/୩ ଦିନ ପରେ ଛତୁ ଅମଳ କରିବେ । ବ୍ୟାଗ୍ରୁ ୬୦ ଦିନରେ ଚାରି ପର୍ଯ୍ୟାୟରେ ଛତୁ ଅମଳ କରାଯାଏ । ପ୍ରତି ୭/୮ ଦିନ ଅନ୍ତରରେ କଢ଼ ହେବ ଏବଂ ଏହିପରି ୩/୪ ପର୍ଯ୍ୟାୟରେ ଗୋଟିଏ ବ୍ୟାଗରୁ ଛତୁ ଅମଳ କରିବେ । ଅମଳ ଏକ କିଲୋରୁ ୨ କିଲୋ ପର୍ଯ୍ୟନ୍ତ ମିଳିଥାଏ ।



